## ସଂକ୍ଷେପରେ

### ରିୱାର୍ଡ ପଏଣ୍ଟ ମିଳିବ କହି ନେଇଗଲେ ଟଙ୍କା

ଅନୁଗୋଳ ଅଫିସ, ୨।୬: ଅନୁଗୋଳ ଜିଲାରେ ସାଇବର ଠକେଇ ବଢ଼ିବାରେ ଲାଗିଛି। ଗୁରୁବାର ୨୫ ହଜାର ଟଙ୍କାର ଏକ ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଶିମିଳିପଡ଼ାର ଜଣେ ଯୁବକଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ. ୧୪/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମାନସ କୁମାର ମହାକୁଲ କହିଛନ୍ତି। ପ୍ରକାଶ ଯେ, ଶିମିଳିପଡ଼ା ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ କ୍ରେଡିଟ୍ କାର୍ଡ ରହିଛି। ଏଥିରେ ଥିବା ରିୱାର୍ଡ ପଏଣ୍ଟ କିଭଳି ମିଳିବ ସେ ନେଇ କଷ୍ଟମର କେୟାରକୁ ଫୋନ୍ କରିବାକୁ ଉଦ୍ୟମ କରିଥିଲେ। ତେବେ ଠକଙ୍କ ହାବୁଡ଼ରେ ପଡ଼ି କ୍ରେଡିଟ୍ କାର୍ଡରୁ ୨୫ ହଜାର ଟଙ୍କା ହରାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ହାତୀ ଆକ୍ରମଣରେ ମହିଳା ଗୁରୁତର



ଅନୁଗୋଳ ଅଫିସ, ୨।୬- ଅନୁଗୋଳ ବ୍ଲକ ବାରଗୌଣିଆ ପଞ୍ଚାୟତ ମାଗୁରାଖାଲ ଗାଁରେ ଗୁରୁବାର ସକାଳେ ହାତୀ ଆକ୍ରମଣରେ ଗାଁର କନକ ସାହୁ(୪୫) ଗୁରୁତର ହୋଇଛନ୍ତି। ସକାଳେ କନକ ଭେଣ୍ଡି ତୋଳିବାକୁ ବାଡ଼ିକୁ ଯାଇଥିଲେ। ନିକଟରେ ଥିବା ପଡ଼ିଆକୁ ଶୌଚ କରିବାକୁ ଯିବା ସମୟରେ ହଠାତ୍ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ କନକ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ପାଟି କରିଥିଲେ। ଫଳରେ ହାତୀ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ଗୁରୁତର ମହିଳାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨।୬(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁଝରୀ ଗ୍ରାମର ଅନିତା ପ୍ରଧାନଙ୍କୁ ସେହି ଗ୍ରାମର ଦିଲ୍ଲୀ ବେହେରା ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୩୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅନିତା ଓ ଦିଲ୍ଲୀଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଅନିତା ଘରେ ଥିବାବେଳେ କୌଣସି କାରଣ ନ ଥାଇ ଦିଲ୍ଲୀ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଧବାଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୨।୬(ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗଡିକୃଷ୍ଣପୁର ଗ୍ରାମର ବିଧବା ସନ୍ଧ୍ୟାରାଣୀ ପ୍ରଧାନଙ୍କୁ ତାଙ୍କ ଶାଶୁ ମନୋରମା ପ୍ରଧାନ, ଦିଅର ଶୁଶୀଳ କୁମାର ପ୍ରଧାନ, ସରୋଜ କୁମାର ପ୍ରଧାନ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ଗୁରୁବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସନ୍ଧ୍ୟାରାଣୀଙ୍କ ସ୍ୱାମୀଙ୍କ ପରଲୋକ ହେବା ପରେ ଅନେକ ସମୟରେ ତାଙ୍କୁ ଶାଶୁଘର ଲୋକେ ମାଡ଼ ମାରୁଥିଲେ। କିଛିଦିନ ହେବ କୌଣସି କାରଣ ନ ଥାଇ ମାଡ଼ ମାରିବା ସହ ତାଙ୍କୁ ଘରୁ ବାହାର କରି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ପାଳନ ହେଉନି ସରକାରୀ ପ୍ରତିଶ୍ରୁତି



ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଇଣ୍ଡା,୨।୬(ଡି.ଏନ.ଏ.)

- କେବେ ନିର୍ମାଣ ହେବ ସୁରେଶ୍ୱରୀ ଜଳ ସେଚନ ପ୍ରକଳ୍ପ
- କିଶୋରନଗର ବ୍ଲକର ଚାଷୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ
- ଜଳ ସମ୍ପଦ ମନ୍ତ୍ରୀଙ୍କୁ ଭେଟି ଦିଆଗଲା ଦାବିପତ୍ର

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ୧୭ ବର୍ଷ ତଳେ ସରକାର ଶୁଭ ଦେଇଥିଲେ। ଏପରି କି ୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା କରିଥିଲେ। ହେଲେ ବାରମ୍ବାର ଦିଆଯାଉଥିବା ପ୍ରତିଶ୍ରୁତି ପାଳନ କରାଯାଉ ନାହିଁ କି ପ୍ରକଳ୍ପ ନିର୍ମାଣ ଆରମ୍ଭ ହେଉନାହିଁ। ଫଳରେ ଏହା ଉପରେ ନିର୍ଭର କରୁଥିବା ଶତାଧିକ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତରନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଗୁରୁବାର ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ବାବାଜୀ ଚରଣ ପ୍ରଧାନଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଭୁବନେଶ୍ୱରଠାରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ କ୍ଷୁଦ୍ର ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, କିଶୋରନଗର ବ୍ଲକର ବାମୁର ପଞ୍ଚାୟତ ଦେଇ ସୁରେଶ୍ୱରୀ ନାଳ ପ୍ରବାହିତ ହେଉଛି। ଏହି ନାଳରେ ବନ୍ଧ ବାନ୍ଧି ବିଭିନ୍ନ ପଞ୍ଚାୟତର ଚାଷ ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ସ୍ଥାନୀୟ ଚାଷୀମାନେ ୧୯୬୫ ମସିହାରେ ଏକ ମାଟି ବନ୍ଧ ବାନ୍ଧିଥିଲେ। ତେବେ ଏଠାରେ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ୨୦୦୫ ମସିହାରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ଶୁଭ ଦେଇଥିଲେ। ୨୦୦୯ ମସିହାରେ ବରପଡ଼ିଆଠାରେ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ଖୁବ୍‌ଶୀଘ୍ର ହେବ ଓ ପ୍ରଥମେ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ବିଦ୍ୟୁତ୍ ଉତ୍ପାଦନ ସହ ବାମୁର, ଓସ୍କାପାଲି, ଜଏରାଟ, ଧଉରାପାଲି, ରଣିଆକଟା, କଦଳିମୁଣ୍ଡା ପଞ୍ଚାୟତର ୧୦ ହଜାର ଏକର ଚାଷ ଜମିକୁ ପାଣି ମାଡ଼ିପାରିବ। ବହୁବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ବ୍ୟତୀତ ସରକାର କିଛି ପଦକ୍ଷେପ ନେଇନାହାନ୍ତି। ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରା ନ ଗଲେ ଆଗାମୀ ଦିନରେ ଏକ ବଡ଼ଧରଣ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

**ସ୍ୱପ୍ନ ସାକାର ହେଉନି**



"୧୯୬୫ ମସିହାରୁ ଚାଷୀମାନେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ ବୋଲି ସ୍ୱପ୍ନ ଦେଖିଆସିଛନ୍ତି। କିନ୍ତୁ ଏଯାଏ ତାହା ସାକାର ହୋଇପାରି ନାହିଁ। ଏ ନେଇ ସ୍ଥାନୀୟ ଚାଷୀମାନେ ଯେତେ ଆନ୍ଦୋଳନ କଲେ ମଧ୍ୟ ସୁଫଳ ମିଳୁନାହିଁ।

-ଦୀନବନ୍ଧୁ ପ୍ରଧାନ, କମିଟି ସଭାପତି

**ଆନ୍ତରିକତାର ଅଭାବ ପ୍ରମାଣିତ**



"ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉ ନ ଥିବା ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଏଠାକାର ଚାଷୀମାନଙ୍କ ପ୍ରତି ସରକାରଙ୍କ ଆନ୍ତରିକତାର ଅଭାବ ଏଥିରୁ ପ୍ରମାଣିତ ହେଉଛି। ତୁରନ୍ତ ସରକାର ପଦକ୍ଷେପ ନିଅନ୍ତୁ।

-ରମଣୀ ରଞ୍ଜନ ପ୍ରଧାନ, ଜଏରାଟ

**ଅତ୍ୟନ୍ତ ଅବହେଳା ପ୍ରଦର୍ଶନ**



"ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ଆଖପାଖ ଅଞ୍ଚଳର ଚାଷ ଜମିକୁ ପାଣି ମାଡ଼ିପାରିବ। ଭଲ ଫସଲ ଉତ୍ପାଦନ ସହ କୃଷି ଓ କୃଷକର ବିକାଶ ହେବ। କିନ୍ତୁ ସରକାର ପ୍ରକଳ୍ପ ନିର୍ମାଣ ପ୍ରତି ଅତ୍ୟନ୍ତ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି।

-ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ

# ଦେବାଶିଷଙ୍କ ମା' ବାପାଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା,୨।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମର ଯବାନ ଦେବାଶିଷ ସେଠୀଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମରଣୋତ୍ତର ଭାବେ ଶୌର୍ଯ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଏହି ସମ୍ମାନକୁ ଦେବାଶିଷଙ୍କ ପକ୍ଷରୁ ବାପା ସନାତନ ଓ ମା' ଛାଇ ଗ୍ରହଣ କରିଥିଲେ। ଗୁରୁବାର ଶହୀଦଙ୍କ ମାତା ପିତା ଭୁବନେଶ୍ୱରଠାରେ ପହଞ୍ଚିବା ପରେ ସେଠାରେ ପୋଲିସ ଡିଜି ଉଭୟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସନ୍ଧ୍ୟାରେ ଅଙ୍ଗପଡାଠାରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ନେତୃତ୍ୱରେ ସନାତନ ଓ ଛାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ସାଏ, ତାଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ଅଙ୍ଗପଡାଠାରେ ଦେବାଶିଷଙ୍କ ମା'ବାପାଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

# ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ବୈଷ୍ଣବ ସାହିରେ ବଇଣ୍ଡା ଫାଣ୍ଡି ପୋଲିସ ଗୁରୁବାର ସକାଳେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ସୁଶାନ୍ତ ପ୍ରଧାନଙ୍କୁ ଗିରଫ କରିଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ସୁଶାନ୍ତଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। କୋର୍ଟରୁ ନିର୍ଦ୍ଦେଶ ଆସିବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ପ୍ରାଣୀଧନ ସହାୟତା ସେବା ଶୁଭାରମ୍ଭ

ଅନୁଗୋଳ ଅଫିସ,୨।୬

ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ଓ ସେମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ବୁଧବାର ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରୁ ଏକ ସହାୟତା ଓ ଆମ୍ବୁଲାନ୍ସ ସେବା ରଥର ଶୁଭାରମ୍ଭ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଓ ଜୀବେ ନିଷ୍ଠୁରତା ନିରୋଧ ସମିତି ଦ୍ୱାରା ବାହାରିଥିବା ଏହି ରଥକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଗୃହପାଳିତ ପ୍ରାଣୀଙ୍କ ସେବା ଚିକିତ୍ସା ଆମ୍ବୁଲାନ୍ସ ଅଧୀନରେ ଯୋଗାଇ ଦିଆଯିବା ସହ ପ୍ରାଣୀମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ବିରୋଧରେ ଜନସଚେତନତା ସୃଷ୍ଟି କରାଯିବା ଏହି ରଥର ମୂଳ ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଞ୍ଜିତ କୁମାର ଦାସଙ୍କ ସମେତ ନେହେରୁ ଯୁବକେନ୍ଦ୍ର ଓ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଆମ୍ବୁଲାନ୍ସକୁ ଜିଲାପାଳ ସବୁଜ ପତାକା ଦେଖାଉଛନ୍ତି।

# ଛାତ୍ରୀଛାତ୍ର ଜାଣିଲେ ଇନ୍‌ସ୍ୟୁରାନ୍ସ ବ୍ୟବସ୍ଥାର ଗୁରୁତ୍ୱ

ଅନୁଗୋଳ ଅଫିସ,୨।୬

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏମ୍‌ବିଏ ଏବଂ ଏମ୍‌କମ୍ ବିଭାଗ ପକ୍ଷରୁ ଜେନେରାଲ ଇନ୍‌ସ୍ୟୁରାନ୍ସ ଏବଂ ଭାରତୀୟ ବଜାର ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଉପସ୍ଥିତ ରହି ଇନ୍‌ସ୍ୟୁରାନ୍ସ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ କହିବା ସହ ଏମ୍‌ବିଏର ନୂତନ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଦ ନିୟୁ ଇଣ୍ଡିଆ ଆସୁରାନ୍ସ ଶାଖାର ବରିଷ୍ଠ ପ୍ରବନ୍ଧକ ମନ୍ମଥ୍ କୁମାର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜେନେରାଲ ଇନ୍‌ସ୍ୟୁରାନ୍ସ ସମ୍ବନ୍ଧିତ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏମ୍‌ବିଏ ଏବଂ ଏମ୍‌କମ୍ ବିଭାଗର କୋର୍ସ ଡାଇରେକ୍ଟର ଡ. ସୋମେଶ ଦତ୍ତ ଦାସ ଅତିଥି ପରିଚୟ ଏବଂ ସେମିନାର ବିଷୟାତ୍ମକ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ଲିପିକା ପରିଡ଼ା, ଅଧାପକ ଦେବବ୍ରତ ସାହୁ, ରଞ୍ଜୟ ସର ସହଯୋଗ କରିଥିଲେ।




ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

# କ୍ରୀଡ଼ା ଶିକ୍ଷକଙ୍କ ପ୍ରତିଭା ଉପରେ ଆଲୋଚନା

କଣିହାଁ,୨।୬(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କୁଳମଣି ସାମଲ ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। କଣ୍ଟାପାଳ ସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିବା ସାମଲ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୦ ବର୍ଷ କାର୍ଯ୍ୟ କରିଛନ୍ତି। ଗତ ୩୧ ତାରିଖରେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରକୋଷ୍ଠରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୁରୁବାର ପବିତ୍ରମୋହନ ବିଦ୍ୟାଳୟରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ଦାଶରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଲୁମନି ସଭାପତି ସୁକାନ୍ତ କୁମାର ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଭାପତି ଅଭିନ୍ନ କୁମାର ପ୍ରଧାନ, ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଯୋଗଦାନ କରି ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଶିକ୍ଷକଙ୍କୁ ନଗର ପରିକ୍ରମା କରାଇ ତାଙ୍କ ଗ୍ରାମ ଜମାନିଆ ପର୍ଯ୍ୟନ୍ତ ନେଇଯାଇଥିଲେ। ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ସଭାପରିଚାଳନା କରିଥିଲେ।



ବିଦାୟୀ ସଭାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ରାସ୍ତା ନିର୍ମାଣର ତଦାରଖ

ବଇଣ୍ଡା,୨।୬(ଡି.ଏନ.ଏ.)

ଆଠମଲ୍ଲିକ-ବିନିକେଇ ପୂର୍ତ୍ତ ବିଭାଗ ରାସ୍ତାକୁ ବୁଧବାର ନାବାର୍ଡ ପକ୍ଷରୁ ତଦାରଖ କରାଯାଇଛି। ବହୁ ବିଳମ୍ବ ସହ ଅତି ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବା ନେଇ ୪ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ 'ଧରିତ୍ରୀ'ରେ ଗତ ଏପ୍ରିଲ ୧୬ରେ ଖବର ପ୍ରକାଶ ପାଇଥିଲା। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ରାସ୍ତାକୁ ପୂର୍ତ୍ତ ବିଭାଗର ଅଧିକାରୀମାନେ ଠିକ୍ ଭାବେ ତଦାରଖ କରୁ ନ ଥିବା ଅଭିଯୋଗ ହୋଇଥିଲା। ବୁଧବାର ନାବାର୍ଡର ଅନୁଗୋଳସ୍ଥିତ ଏଜିଏମ୍ ଶରତ ବେହେରା, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁଙ୍କ ସମେତ ପଦାଧିକାରୀମାନେ ଆସି ନିର୍ମାଣ ହେଉଥିବା ପିଚୁ ରାସ୍ତାର ଯାଞ୍ଚ କରିଥିଲେ। ଏଥିସହ କିଭଳି ଠିକ୍ ଭାବେ ନିର୍ମାଣ ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଠିକାସଂସ୍ଥା ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ରାସ୍ତା ନିର୍ମାଣର ତଦାରଖ କରୁଛନ୍ତି ନାବାର୍ଡ ଅଧିକାରୀ।

# ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ

ତାଳଚେର,୨।୬(ନି.ପ୍ର.)

ତାଳଚେର ଫର୍ଟିଲାଇଜର ଲିମିଟେଡ (ଟିଏଫ୍‌ଏଲ୍) ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅନ୍ୟତମ ନିର୍ଦ୍ଦେଶକ ସଞ୍ଜୟ ଅରୋରା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜେନେରାଲ ମ୍ୟାନେଜର ସତ୍ୟବ୍ରତ ମିଶ୍ର ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ବକ୍ତା ଭାବେ ଏଫ୍‌ସିଆଇର ବୈଷୟିକ ଉପଦେଷ୍ଟା ଡକ୍ଟର ପ୍ରସନ୍ନ କୁମାର ବରାଳ ଯୋଗଦେଇ ଜାତୀୟ ପତାକାର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଏଫ୍‌ସିଆଇ ତରଫରୁ ଇର୍ଫାନ୍ ଅହମ୍ମଦ, ପିଡିଆଇଏଲ୍‌ର ଆର୍‌ସିଏମ୍ ୟୁ.ପି. ଟୁଡୁ ଓ ସିଆଇଏସ୍‌ଏଫ୍ ସହକାରୀ କମାଣ୍ଡାଣ୍ଟ କେ.କେ. ପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଟିଏଫ୍‌ଏଲ୍ ଚିଫ୍ ମ୍ୟାନେଜର ସୁମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଜେନେରାଲ ମ୍ୟାନେଜର (କନଷ୍ଟ୍ରକଶନ) ବଲୱନ୍ତ ସିଂ ଧନ୍ୟବାଦ ଜ୍ଞାପନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା, ଅତିଥି ଓ ଅନ୍ୟମାନେ।

# ସାଇଲୋ ଘରୋଇକରଣ ଯୋଜନାକୁ ବିରୋଧ

ତାଳଚେର,୨।୬(ନି.ପ୍ର.)

**୪ ଶ୍ରମିକ ସଙ୍ଗଠନର ପ୍ରତିବାଦ ସଭା**

ଏମ୍‌ସିଏଲ୍‌ର ୪ଟି ଶ୍ରମିକ ସଙ୍ଗଠନ ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ବିଏମ୍‌ଏସ୍ ଓ ଏଆଇଟିୟୁସି ତରଫରୁ ଭରତପୁର ନର୍ଥକ୍ୱାଲି ଟାଇମ୍ ଅଫିସ ସମ୍ମୁଖରେ ବୁଧବାର ପ୍ରତିବାଦ ସଭା କରାଯାଇଛି। ଏଥିରେ ଶ୍ରମିକ ସଙ୍ଗଠନ ଅଭିଯୋଗ କରିଛି ଯେ, କିଛି ମାସ ପୂର୍ବରୁ ଏମ୍‌ସିଏଲ୍ ଭରତପୁରର ସାଇଲୋକୁ ଘରୋଇକରଣ କରି ଏକ ଠିକା କମ୍ପାନୀକୁ ହସ୍ତାନ୍ତର କରିବାର ଯୋଜନା କରିଥିଲା। କମ୍ପାନୀର କୌଣସି ଉଚ୍ଚସ୍ତରୀୟ କମିଟି କିମ୍ବା ଶ୍ରମିକ ସଙ୍ଗଠନ ସଂଲଗ୍ନ ଜେସିସି କମିଟିରେ ଏ ନେଇ ଆଲୋଚନା କରା ନ ଯାଇ ଅତି ଗୋପନୀୟ ଭାବେ ସାଇଲୋର ରକ୍ଷଣାବେକ୍ଷଣ ଓ ପରିଚାଳନା ପ୍ରଣାଳୀକୁ ଠିକା ସଂସ୍ଥା ହାତକୁ ଟେକି ଦେବା ଯୋଜନାକୁ ବିରୋଧ କରାଯାଇଥିଲା। ଭରତପୁର ସାଇଲୋ ଠିକା ସଂସ୍ଥା ହାତକୁ ଚାଲିଗଲେ ଅତି କମ୍ ସଂଖ୍ୟକ ଠିକା ଶ୍ରମିକଙ୍କୁ ନିଯୁକ୍ତି କରାଯାଇ ପୂର୍ବଭଳି ଶ୍ରମିକମାନଙ୍କୁ ଶୋଷଣ କରାଯିବାର ସମ୍ଭାବନା ରହିଛି। ଏ ନେଇ ସଙ୍ଗଠନ ସମ୍ପାଦକମାନେ ଏମ୍‌ସିଏଲ୍ ସିଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ତେଣୁ ଆସନ୍ତା ୬ ତାରିଖରେ ତାଳଚେରରେ ଥିବା ସମସ୍ତ ଖଣିରେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଭରତପୁର ଜିଏମ୍ ଅଫିସ ସମ୍ମୁଖରେ ସକାଳୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଧାରଣା ଓ ପ୍ରତିବାଦ କରାଯିବ। ଏପରି କି ସାଇଲୋର ଘରୋଇକରଣ ଦିଗରେ ପଦକ୍ଷେପ ଆଗକୁ ବଢ଼ିଲେ ସମସ୍ତ କୋଇଲା ଖଣିକୁ ବନ୍ଦ କରାଯିବ ବୋଲି ଆଇଏନ୍‌ଟିୟୁସିର ସୌଭାଗ୍ୟଚନ୍ଦ୍ର ପ୍ରଧାନ, ଏଚ୍‌ଏମ୍‌ଏସ୍‌ର ଶଙ୍କର ପ୍ରସାଦ ବେହେରା, ବିଏମ୍‌ଏସ୍‌ର ଅରୁଣ କୁମାର ପ୍ରଧାନ ଓ ଏଆଇଟିୟୁସିର ଅମୂଲ୍ୟ ମହାକୁଡ଼ ଚେତାବନୀ ଦେଇଛନ୍ତି।




ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଉଛି।

### ବିଷ ପିଇ ଯୁବକ ମୃତ

କାମାକ୍ଷାନଗର, (ଡି.ଏନ୍.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ପଞ୍ଚାୟତ ଜାମୁନାଳି ଗ୍ରାମର ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶମ୍ଭୁ ଖୁଣ୍ଟିଆ (୨୫)। ଗତ ବୁଧବାର ରାତିରେ କୌଣସି କାରଣରୁ ଶମ୍ଭୁ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପରଜଙ୍ଗ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଶମ୍ଭୁ କାହିଁକି ଏଭଳି ଚରମ ପଦକ୍ଷେପ ନେଲେ ତାହାର କାରଣ ଅସ୍ପଷ୍ଟ ରହିଛି।

## ସଂକ୍ଷେପରେ

### ସ୍ଥାପନ ହେବ ୫୦୦ ମିଶନ ଶକ୍ତି ବଜାର
## ୫ ବର୍ଷରେ ୫୦ ହଜାର କୋଟି ଋଣ ଯୋଗାଣ ଲକ୍ଷ୍ୟ

**ଭୁବନେଶ୍ୱର, ୨।୬(ବ୍ୟୁରୋ):** ଆଗାମୀ ଦିନରେ ରାଜ୍ୟ ସରକାର ମହିଳା ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚଜି)ମାନଙ୍କ ପାଇଁ ୫୦୦ ମିଶନ ଶକ୍ତି ବଜାର ସୃଷ୍ଟି କରିବେ । ଏହି ବଜାର ମହିଳା ଏସ୍‌ଏଚଜିଙ୍କ ଦ୍ୱାରା ସ୍ୱଦେଶୀ ଉତ୍ପାଦିତ ଦ୍ରବ୍ୟର ବିକ୍ରି ଓ ବଜାର ନିମନ୍ତେ ହଟ୍‌ସ୍ପଟ୍ ହୋଇପାରିବ ବୋଲି ମିଶନ ଶକ୍ତି ସଚିବ ସୁଜାତା ଆର. କାର୍ତ୍ତିକେୟନ କହିଛନ୍ତି। ରାଜ୍ୟରେ ୫୦୦ ମିଶନ ଶକ୍ତି ବଜାର ସହିତ ମିଶନ ଶକ୍ତି କାଫେ ନିର୍ମାଣ ହେବ, ଯେଉଁଠାରେ ଏସ୍‌ଏଚ୍‌ଜି ସେମାନଙ୍କର ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରିପାରିବେ। ଏହାଛଡ଼ା ଆସନ୍ତା ୫ ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଗଣମାଧ୍ୟମକୁ ସେ କହିଛନ୍ତି ଯେ ରାଜ୍ୟରେ ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। କୌଣସି ଦେଶ କିମ୍ବା ସମାଜର ବିକାଶ ହୋଇପାରିବ ନାହିଁ, ଯଦି ଏହାର ମହିଳାମାନେ ସଶକ୍ତ ହେବେ ନାହିଁ ବୋଲି ଆମ ମୁଖ୍ୟମନ୍ତ୍ରୀ ସର୍ବଦା କହି ଆସିଛନ୍ତି। ୨୦୧୯ରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ ଯେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ୫ ହଜାର କୋଟି ଟଙ୍କାର ଉତ୍ପାଦକୁ ରାଜ୍ୟ ସରକାର କ୍ରୟ କରିବେ। ମିଶନ ଶକ୍ତି ଏକ ସ୍କିମ୍ କିମ୍ବା କାର୍ଯ୍ୟକ୍ରମ ନୁହେଁ ,ଏହା ଏକ ଆନ୍ଦୋଳନ ବୋଲି ସେ କହିଛନ୍ତି।

## ୨ ଅତିରିକ୍ତ ଜିଲାପାଳଙ୍କୁ ସ୍ୱାଗତ

**ଢେଙ୍କାନାଳ ଅଫିସ, ୨।୬:** ସ୍ୱଳ୍ପଦିନ ବ୍ୟବଧାନରେ ଢେଙ୍କାନାଳ ଜିଲାରେ ଯୋଗଦେଇଥିବା ଦୁଇ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଏବଂ ଉଦୟ କୁମାର ମହାପାତ୍ରଙ୍କୁ ଗୁରୁବାର ଜିଲା କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ପ୍ରିୟରଞ୍ଜନ ମାହନ୍ତ, ସଦସ୍ୟା ତିଲୋତ୍ତମା ଚୌଧୁରୀ, ମାମାଲି ମିଶ୍ର, ପ୍ରଣତୀ ପଣ୍ଡା, ଗୀତାଞ୍ଜଳି ବେହେରା, ରୀନାରାଣୀ ସାହୁ, ସଦସ୍ୟ ରୁଦ୍ରାନ୍ତ ଦଳେଇ, ପ୍ରତାପ ଦାସ, ସଦାଶିବ ମହାପାତ୍ର, ନାରାୟଣ ସାହୁ, ଅମୀୟ କୁମାର ଚାନ୍ଦ, କୈଳାସ ନାୟକ, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ମହେନ୍ଦ୍ର ସାହୁ, ଦୁଷ୍ମନ୍ତ ମହାନ୍ତି, ସୁମନ୍ତ ସ୍ୱାଇଁ, ରଞ୍ଜନ ସାହୁ, ଅକ୍ଷୟ ସାହୁ, ଶେଖର ସେଠୀ, ରଣଜିତ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସାମଗ୍ରିକ ବିକାଶରେ ଅନୁଷ୍ଠାନ ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ କରାଯିବ ବୋଲି ସଭାପତି ପ୍ରତିଶ୍ରୁତି ଦେଇଛନ୍ତି।

## ଯୋଗ ଅଲିମ୍ପିୟାଡ୍‌ରେ ଛାତ୍ରୀଙ୍କ କୃତିତ୍ୱ



**କାମାକ୍ଷାନଗର, ୨।୬(ଡି.ଏନ୍.ଏ.):** ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିୟାଡ୍‌ରେ ଚମକିଛନ୍ତି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳା ସରକାରୀ ହାଇସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ରେସନା ପ୍ରିୟଦର୍ଶିନୀ ବେହେରା। ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ସେ ଜିଲାର ଗୌରବ ବଢ଼ାଇଛନ୍ତି। ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ସୋମବାରଠାରୁ ଦୁଇଦିନ ଧରି ଏହି ଅଲିମ୍ପିୟାଡ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ରେସ୍‌ନା ପ୍ରତିଭା ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ରେସ୍‌ନାଙ୍କ ବାପା ସଞ୍ଜିତ କୁମାର ବେହେରା ଜଣେ ଯୋଗ ପ୍ରଶିକ୍ଷକ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କ୍ରୀଡ଼ା ଶିକ୍ଷୟିତ୍ରୀ ସରିତା ରାଉତଙ୍କ ମାର୍ଗଦର୍ଶନରେ ଛାତ୍ରୀଙ୍କୁ ଏହି ସଫଳତା ମିଳିଥିବା ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସେଠୀ କହିଛନ୍ତି। ରେସ୍‌ନାଙ୍କ ଏଭଳି କୃତିତ୍ୱରେ ଜିଲା ଶିକ୍ଷା ବିଭାଗ, ବ୍ଲକ ଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଜେଲ ଗଲେ ହିନ୍ଦୋଳ ଏସ୍‌ଡିପିଓ



ଏସ୍‌ଡିପିଓ ମଳୟ କିଶୋର ନାୟକଙ୍କୁ ହାଜତକୁ ନିଆଯାଉଛି।

**ଢେଙ୍କାନାଳ ଅଫିସ୍, ୨।୬**

- ପଥର କ୍ୱାରି ଲିଜ୍‌ଧାରୀଙ୍କଠାରୁ ଲାଞ୍ଚ ନେବା ମାମଲା
- ୩ଦିନିଆ ରିମାଣ୍ଡ ପାଇଁ ଆବେଦନ କଲା ଭିଜିଲାନ୍ସ

ବିଭିନ୍ନ ମାମଲାରେ ଅଭିଯୁକ୍ତଙ୍କୁ ବାନ୍ଧି ହାଜତ ଠିକଣା ଦେଖାଉଥିଲେ। ଏବେ ଜଣେ ପଥର କ୍ୱାରି ଲିଜ୍‌ଧାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଜେଲ ଯାଇଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ଏସ୍‌ଡିପିଓ ତଥା ଓଡ଼ିଶା ପୋଲିସ ସେବାର ବରିଷ୍ଠ ଅଧିକାରୀ ମଳୟ କିଶୋର ନାୟକ। ଅଭିଯୁକ୍ତ ଏସ୍‌ଡିପିଓଙ୍କୁ ଗିରଫ କରାଯିବା ପରେ ଗୁରୁବାର ଅପରାହ୍ଣ ୧ଟା ରେ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ତେବେ ସମ୍ପୃକ୍ତ କୋର୍ଟର ବିଚାରପତି ଛୁଟିରେ ଥିଲେ। ତାଙ୍କ ଦାୟିତ୍ୱରେ ଥିବା ବିଚାରପତି ମଳୟଙ୍କୁ ୭ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ଏସ୍‌ଡିପିଓଙ୍କୁ ୩ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି। ଶୁକ୍ରବାର ଏହାର ଶୁଣାଣି ହେବ।

ରାସୋଳ ଥାନା କାରନ୍ଦା ଅଞ୍ଚଳରେ ଦୁଃଖବନ୍ଧୁ ସାହୁ ନାମକ ଜଣେ ପଥର ଖାଦାନ ଲିଜ୍‌ଧାରୀଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ କଟକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ ମଳୟ। ଏହାପରେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସ ପକ୍ଷରୁ ଢେଙ୍କାନାଳ, ଭୁବନେଶ୍ୱର, ପୁରୀ, ଅନୁଗୋଳ, ସମ୍ବଲପୁର ଅଞ୍ଚଳରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ସେ ଚାକିରି କରୁଥିବା ବିଭିନ୍ନ ଜିଲାର ବ୍ୟାଙ୍କଗୁଡ଼ିକରେ ଥିବା ଡିପୋଜିଟ୍ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଭିଜିଲାନ୍ସ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ ସାହୁ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ପରିଚାଳନା କରୁଛନ୍ତି।

### ସ୍ତ୍ରୀଙ୍କ ସନ୍ଧାନ ମିଳୁନାହିଁ

ଲାଞ୍ଚ ନେଉଥିବାବେଳେ ଏସ୍‌ଡିପିଓ ସ୍ୱାମୀ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସୂଚନା ମିଳିବା ପରେ ହିନ୍ଦୋଳ ପୋଲିସ କ୍ୱାର୍ଟର୍ସରେ ରହୁଥିବା ତାଙ୍କ ସ୍ତ୍ରୀ ରୀତା ମହାପାତ୍ର ଏକ ସୁଟ୍‌କେଶରେ ଜରୁରୀ ସାମଗ୍ରୀ, କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ ଧରି ଫେରାର ହୋଇଯାଇଛନ୍ତି। ଅଦ୍ୟାବଧି ତାଙ୍କର ସନ୍ଧାନ ମିଳୁନାହିଁ। ଫଳରେ ସମ୍ପତ୍ତିର ସମ୍ପୂର୍ଣ୍ଣ ଆକଳନ କରାଯାଇପାରିନାହିଁ। ରୀତାଙ୍କୁ ଠାବ କରିବାକୁ ଭିଜିଲାନ୍ସ ପକ୍ଷରୁ ଉଦ୍ୟମ ଜାରି ରହିଛି।

### ହାତରେ ରଖିଥିଲେ ୨ କ୍ୱାର୍ଟର୍ସ

ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନରେ ସ୍ୱତନ୍ତ୍ର ପରିଆରା ସୃଷ୍ଟି କରିଥିଲେ ଏସ୍‌ଡିପିଓ ମଳୟ କିଶୋର ନାୟକ। ଏକକାଳୀନ ଦୁଇଟି ସରକାରୀ କ୍ୱାର୍ଟର୍ସ ହାତେଇବାରେ ସକ୍ଷମ ହୋଇଥିଲେ। ହିନ୍ଦୋଳସ୍ଥିତ ସରକାରୀ ବାସଭବନରେ ପରିବାର ସହିତ ରହୁଥିବାବେଳେ ଦୀର୍ଘ ୨ବର୍ଷରୁ ଅଧିକ ସମୟ ଧରି ଢେଙ୍କାନାଳ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ପୋଲିସ କଲୋନୀରେ ବରିଷ୍ଠ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟ ଏକ କ୍ୱାର୍ଟର୍ସ ମଧ୍ୟ ଅକ୍ତିଆରରେ ରଖିଥିଲେ। ଏ ସମ୍ପର୍କରେ ପୋଲିସ ବିଭାଗର ପଦସ୍ଥ ଅଧିକାରୀଙ୍କ ନିକଟରେ ସୂଚନା ଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାର ବିଭିନ୍ନ ଥାନା ପରିସରରେ ଥାନାଧିକାରୀଙ୍କ ପାଇଁ ସରକାରୀ କ୍ୱାର୍ଟର୍ସ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଏକାଧିକ କ୍ୱାର୍ଟର୍ସ ହାତରେ ରଖିବା ଆଲୋଚନାର ବିଷୟ ହୋଇଛି । ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାରୁ ଏସ୍‌ପି ଏଲ୍. ଦିବ୍ୟା. ଭି କହିଲେ, ଏଥିରେ ଆମେ କିଛି କରିପାରିବୁ ନାହିଁ। ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଏ ସମ୍ପର୍କରେ ପଦକ୍ଷେପ ନେବେ।

ଅନ୍ୟପଟେ ଭିଜିଲାନ୍ସର ପଚରାଉଚରା ସମୟରେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ପୋଲିସ କଲୋନୀରେ ଥିବା କ୍ୱାର୍ଟର୍ସ ସମ୍ପର୍କରେ ଠିକ୍ ସୂଚନା ଦେଇ ନ ଥିଲେ ଏସ୍‌ଡିପିଓ। ଫଳରେ ଘର ଠିକଣା ଖୋଜିବା ଲାଗି ଅଧିକାରୀଙ୍କୁ ନୟାନ୍ତ ହେବାକୁ ପଡ଼ିଥିଲା। ଜିଲାର ଅନ୍ୟ ପୋଲିସ ଅଧିକାରୀଙ୍କଠାରୁ ବୁଝାବୁଝି କରି ଭିଜିଲାନ୍ସ ଟିମ୍ କ୍ୱାର୍ଟର୍ସ (ନଂ. ଇ/୧୫) ଠିକଣା ପାଇଥିଲା ଏବଂ ଏସ୍‌ପିଙ୍କ ନିର୍ଦ୍ଦେଶରେ ତାଲା ଭଙ୍ଗାଯାଇଥିଲା। ଉକ୍ତ କ୍ୱାର୍ଟର୍ସରୁ ୧ ଲକ୍ଷ ୫୧ ହଜାର ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ସୂଚନାଯୋଗ୍ୟ, ମଳୟ ୨୦୧୮ ମେ' ୪ରୁ ୨୦୧୯ ମେ' ୭ ପର୍ଯ୍ୟନ୍ତ ଇନ୍ସପେକ୍ଟର ତଥା ଢେଙ୍କାନାଳ ସଦର ଥାନାଧିକାରୀ ଭାବେ ଦାୟିତ୍ୱରେ ଥିଲେ। ଏହାପରେ ତାଙ୍କୁ ଅନ୍ୟ ଜିଲାକୁ ବଦଳି ହୋଇଥିଲା। ଡିଏସ୍‌ପି ର୍‌ୟାଙ୍କକୁ ପଦୋନ୍ନତି ପାଇ ସେ ହିନ୍ଦୋଳ ଏସ୍‌ଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

### ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ
## ଆଜି ସାମିଲ ହେବ ୫୨ ବିଦ୍ୟାଳୟ



**ଅନୁଗୋଳ ଅଫିସ, ୨।୬**

ଅନୁଗୋଳ ଜିଲାର ଆଉ ୫୨ଟି ବିଦ୍ୟାଳୟ ଶୁକ୍ରବାର ୫-ଟି ଅଧୀନରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହେବ। ଅନୁଗୋଳ ପିଟିସି ହାଇସ୍କୁଲଠାରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସାମିଲ କରିବେ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୮୦ଟି ବିଦ୍ୟାଳୟ ୫-ଟି ରୂପାନ୍ତରଣରେ ସାମିଲ ହୋଇଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ୫୨ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଏଥିରେ ନିର୍ମାଣ କରାଯାଇଥିବା ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବେ। ସେହିପରି ଇ-ଲାଇବ୍ରେରି ସାଙ୍ଗକୁ ସ୍ମାର୍ଟ ବିଜ୍ଞାନଗାର ମଧ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୯ମ ଶ୍ରେଣୀର ଛାତ୍ର ବିଷ୍ଣୁ ପ୍ରସାଦ ଚଇନି ବିଦ୍ୟାଳୟ ଅଭିଜ୍ଞତା ବାଣ୍ଟିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

# ବର୍ଜ୍ୟବସ୍ତୁ ପରିଚାଳନାଙ୍କୁ ପ୍ରଶଂସା



ବାଙ୍କୁକୁସୁମସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପରିଦର୍ଶନ ଅବସରରେ ଟିମ୍ ସଦସ୍ୟଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨।୬**

### ଢେଙ୍କାନାଳରେ ଝାଡ଼ଖଣ୍ଡ, ୟୁନିସେଫ୍‌ର ୨୮ ଜଣିଆ ଟିମ୍

ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ବରିଷ୍ଠ ପୌରସଂସ୍ଥା ଅଧିକାରୀ ଏବଂ ୟୁନିସେଫ୍‌ର ମୋଟ୍ ୨୮ଜଣିଆ ପ୍ରତିନିଧି ଦଳ ଗୁରୁବାର ଢେଙ୍କାନାଳ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ସେମାନେ ପୌରସଂସ୍ଥାର ୮ନଂ. ୱାର୍ଡ ବାଙ୍କୁକୁସୁମସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପରିଦର୍ଶନ କରି ଜ୍ଞାନ ଆହରଣ କରିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି।

ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ବାଙ୍କୁକୁସୁମସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଏକ ପାଇଲଟ୍ ପ୍ରୋଜେକ୍ଟ। ଏହାକୁ ମିଶନ ଶକ୍ତି ସଦସ୍ୟମାନେ ପରିଚାଳନା କରୁଛନ୍ତି। ଏହି ଅବସରରେ ଅଧିକାରୀମାନେ ସେଠାରେ କାର୍ଯ୍ୟରତ ମହିଳାଙ୍କ ସହ ଆଲୋଚନା କରିଥିଲେ।

ସେହିପରି ପୌରାଞ୍ଚଳର ମହିଷାପାଟରେ କିନ୍ନରଙ୍କୁ ରୋଜଗାରକ୍ଷମ କରିବା ଲାଗି ସମ୍ପଦ କେନ୍ଦ୍ର ସ୍ଥାପନ କରାଯାଇଛି। ଏହାକୁ ପରିଦର୍ଶନ କରି ଟିମ୍ ସଦସ୍ୟ କିନ୍ନରମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସହରାଞ୍ଚଳରେ କରାଯାଇଥିବା ଜନମଙ୍ଗଳ ପ୍ରକଳ୍ପ ବୁଲି ଦେଖିଥିଲେ। ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ମଳ ଏବଂ ଅଳିଆକୁ ସୁବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରି ବହୁବିଧ କାର୍ଯ୍ୟରେ ଲଗାଯାଇପାରୁଛି, ଯାହାକୁ ଅଧିକାରୀମାନେ ବେଶ୍ ପ୍ରଶଂସା କରିଛନ୍ତି। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ।

# ମାଡ଼ି ବସିଲେଣି ମାର୍କେଟ କମ୍ପ୍ଲେକ୍ସ ଶିଢ଼ି ଘର

**ଅନୁଗୋଳ ଅଫିସ, ୨।୬**




ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ହେଉଛି ଜବରଦଖଲ। ହେଲେ କର୍ତ୍ତୃପକ୍ଷଙ୍କ ନିକଟରେ ଏ ନେଇ କୌଣସି ସୂଚନା ନାହିଁ। ଏହି ଘଟଣା ଯୋଗୁ ପୌର କର୍ତ୍ତୃପକ୍ଷଙ୍କୁ ସହରବାସୀଙ୍କ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏପରି କି ସହରରେ ହେଉଥିବା ଜବରଦଖଲ ଉଚ୍ଛେଦ କେବଳ ଲୋକ ଦେଖାଣିଆ ବୋଲି କୁହାଯାଉଛି।

ସହରବାସୀଙ୍କ ସୂଚନା ଅନୁଯାୟୀ, ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ରହିଛି ପୌର ମାର୍କେଟ କମ୍ପ୍ଲେକ୍ସ। ଗତ ବର୍ଷ ଏହି ମାର୍କେଟ କମ୍ପ୍ଲେକ୍ସର ଶିଢ଼ି ଘର ଛାତ ଭୁଶୁଡ଼ି ପଡ଼ିଥିଲା। ଏହାପରେ ପୌର କର୍ତ୍ତୃପକ୍ଷ ସେଠାରେ ଲୋକଙ୍କ ଯାତାୟାତରେ କଟକଣା ଲଗାଇଥିଲେ। ଏପରି କି ସେଠାରେ ଲସି ଦୋକାନ ଦେଉଥିବା ବ୍ୟବସାୟୀଙ୍କୁ ଚଳିତବର୍ଷ

### ଲୋକ ଦେଖାଣିଆ ଉଚ୍ଛେଦ

ଉକ୍ତ ସ୍ଥାନରେ ବସିବାକୁ ଅନୁମତି ପ୍ରଦାନ କରାଯାଇ ନ ଥିଲା। ହେଲେ ଉକ୍ତ ସ୍ଥାନକୁ ଏବେ ଜଣେ ଫଳ ବ୍ୟବସାୟୀ ଜବରଦଖଲକୁ ନେବା ଆରମ୍ଭ କରିଛନ୍ତି। ଶିଢ଼ି ଘର ତଳେ ବାଉଁଶ ବାନ୍ଧି ଫଳ ବ୍ୟବସାୟ ଆରମ୍ଭ କରିଛନ୍ତି। ଶିଢ଼ି ଘର ଆଗରେ ଠେଲା ଲଗାଇ ବ୍ୟବସାୟ କରୁଥିବାବେଳେ ଫଳ ପେଟିଗୁଡ଼ିକୁ ଉକ୍ତ ଶିଢ଼ି ଘର ତଳେ ରଖିଛନ୍ତି। ଶିଢ଼ି ଘର ତଳେ ବାଉଁଶ ବାନ୍ଧି ଟେଣ୍ଟ ମଧ୍ୟ ନିର୍ମାଣ କଲେଣି। କେହି ବିରୋଧ କଲେ କି ଜବରଦଖଲ ସମ୍ପର୍କରେ ଅଭିଯୋଗ କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ସମ୍ପୃକ୍ତ ଫଳ ବ୍ୟବସାୟୀ ଜଣକ ଧମକ ଦେଉଥିବା ଅଭିଯୋଗ ସହରବାସୀ ଅଭିଯୋଗ କରୁଛନ୍ତି। ତେବେ ଘଟଣା ସମ୍ପର୍କରେ ପୌର କର୍ତ୍ତୃପକ୍ଷ କହିଛନ୍ତି, ଜବରଦଖଲ ସମ୍ପର୍କରେ କିଛି ସୂଚନା ମିଳିନାହିଁ।

# ପ୍ରତିଭା ଦେଖାଇଲେ କ୍ରୀଡ଼ାବିତ୍

**ଭୁବନ, ୨।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଗୁରୁବାର କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ାଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୧୨୮ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ୯୪, ବାଳିକା ବର୍ଗରେ ୩୪ ଜଣ ଯୁବ କ୍ରୀଡ଼ାବିତ୍ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆର୍ଚେରି, ଆଥଲେଟିକ୍ସ, ସାଇକ୍ଲିଂ, ବାସ୍କେଟବଲ, ଫୁଟବଲ, ହକି, ଜିମ୍ନାଷ୍ଟିକ୍, ଜୁଡ଼ୋ, କବାଡ଼ି ଖୋଖୋ, ଭଲିବଲ, ଭାରୋତ୍ତୋଳନ ଆଦି ବିଭାଗରେ ଦକ୍ଷତା ଅନ୍ୱେଷଣ କରାଯାଇଥିଲା। ଭୁବନ ବ୍ଲକ ଏବଂ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଯୋଗ୍ୟତା ମାନଦଣ୍ଡ ଏବଂ ଦକ୍ଷତା ପରୀକ୍ଷା କରିଥିଲେ। ଚୟନ ହୋଇଥିବା ପ୍ରତିଯୋଗୀମାନେ ଜିଲାସ୍ତରକୁ ଯିବେ। ସେଠାରେ ଭଲ ପ୍ରଦର୍ଶନ କରି ରାଜ୍ୟସ୍ତରରେ ଚୟନ ହେଲେ ସ୍ପୋର୍ଟସ୍ ହଷ୍ଟେଲରେ ନାମ ଲେଖାଇବା ପାଇଁ ସୁଯୋଗ ମିଳିବ ବୋଲି ଜିଲା କ୍ରୀଡ଼ାଧିକାରୀ ସୂଚନା ଦେଇଛନ୍ତି।

# ଆତ୍ମନିର୍ଭର କୃଷକ ଅଭିଯାନ ଉଦ୍‌ଯାପିତ




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଅନୁଗୋଳ ଅଫିସ,୨।୬**

ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନୁଗୋଳ ଶାଖା ପକ୍ଷରୁ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଆତ୍ମନିର୍ଭର କୃଷକ ଅଭିଯାନ ଗୁରୁବାର ତାଳଚେର ବ୍ରହ୍ମାକୁମାରିଜ୍ ଉପ ସେବାକେନ୍ଦ୍ର ଜ୍ୟୋତି ଦର୍ଶନ ଧାମଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅଭିଯାନରେ ଲୋକମାନଙ୍କୁ କୃଷିକାର୍ଯ୍ୟରେ ରାସାୟନିକ ଦ୍ରବ୍ୟ ପରିବର୍ତ୍ତେ ପ୍ରାକୃତିକ ସାର ପ୍ରୟୋଗ ପାଇଁ ସଚେତନ କରାଯାଇଥିଲା। ଏହି ସଚେତନତା ସୃଷ୍ଟି ନିମନ୍ତେ ଏକ ରଥ ପ୍ରାୟ ୮୦୦ କିଲୋମିଟର ବୁଲିଥିଲା। ଏଥିସହ ଜିଲାର ୮ ଜଣ ଚାଷୀ ଅନୁଗୋଳ ବ୍ଲକର ବିଭୂତି ଭୂଷଣ ପ୍ରଧାନ, ବଣ୍ଟଅଁରପାଳ ବ୍ଲକର ବୀଣାପାଣି ରାଉତ, ଛେଣ୍ଡିପଦା ବ୍ଲକର ବିପିନ ବିହାରୀ ପାତ୍ର, କିଶୋରନଗର ବ୍ଲକର କେଦାରନାଥ ପ୍ରଧାନ, ଆଠମଲ୍ଲିକ ବ୍ଲକର ଅନିଲ କୁମାର ପ୍ରଧାନ, ତାଳଚେର ବ୍ଲକର ପ୍ରମୋଦ କୁମାର ପ୍ରଧାନ, କଣିହାଁ ବ୍ଲକର ରମେଶ ଚନ୍ଦ୍ର ପ୍ରଧାନ ଏବଂ ପାଲଲହଡ଼ା ବ୍ଲକର ମଦନ ମୋହନ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

ଉଦ୍‌ଯାପନୀ ସମାରୋହରେ ବ୍ରହ୍ମାକୁମାରିଜ୍ ଅନୁଗୋଳର ସଞ୍ଚାଳିକା ବିକେ ମିନତୀ, ତାଳଚେର ଉପ ଜିଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ ଓ ନାଲ୍‌କୋ ଡିଜିଏମ ବିକ୍ରମ ପାତ୍ର ଉପସ୍ଥିତ ରହି ଜୈବିକ କୃଷି ପଦ୍ଧତିରେ ଚାଷ ପାଇଁ ଉତ୍ସାହିତ କରିଥିଲେ। ଯାତ୍ରା ବିବରଣୀ ବିଜୟ ଭାଇ ପାଠ କରିଥିଲା ବେଳେ ଜଗଦୀଶ ଭାଇ ସଂଯୋଜନା କରିଥିଲେ।

# ସୁସ୍ଥ ରଖୁଛି ଶୂନଗାଡ଼ି

ସାଇକେଲ ବା ଶୂନଗାଡ଼ି ସହିତ ଯୋଡ଼ି ହୋଇଛି ଅନେକ ସମ୍ବେଦନଶୀଳତା। ଏକଦା ଏହାର ଲୋକପ୍ରିୟତା ଏଭଳି ଶୀର୍ଷସ୍ତର ଛୁଇଁଥିଲା ଯେ, ଘରେ ଘରେ ଡେରାହୋଇ ରହିଥିବା ଦେଖିବାକୁ ମିଳୁଥିଲା ଏହି ଦୁଇଚକିଆ ଯାନ। ସରଳ, ସୁଲଭତା ପାଇଁ ଗାଁଠାରୁ ଆରମ୍ଭ କରି ସହର ଯାଏ ସାଇକେଲ ପାଲଟିଥିଲା ଶସ୍ତା ପରିବହନର ମାଧ୍ୟମ। ସ୍ୱତନ୍ତ୍ରତା, ଦୀର୍ଘାୟୁତା ଏବଂ ବହୁମୁଖିତା ଏହାକୁ ଦେଇଥିଲା ସିନେମାରେ ସ୍ଥାନ। ଓଲିଉଡ଼୍‌ଠାରୁ ଆରମ୍ଭ କରି ବଲିଉଡ୍, ଟଲିଉଡ୍ ଏପରି କି ହଲିଉଡ୍ ସିନେମାର ବହୁ ଲୋକପ୍ରିୟ ଦୃଶ୍ୟ ଏବଂ ଗୀତରେ ଏବେ ବି ଶୂନଗାଡ଼ିର ବ୍ୟବହାର କରାଯାଉଛି। ପରିବେଶ ତଥା ସ୍ୱାସ୍ଥ୍ୟ ଅନୁକୂଳ ଏହି ଲୋକପ୍ରିୟ ଯାନର ପ୍ରଚାରପ୍ରସାର ପାଇଁ ପ୍ରତିବର୍ଷ ଜୁନ୍ ୩ରେ ପାଳିତ ହେଉଛି 'ବିଶ୍ୱ ସାଇକେଲ ଦିବସ'। ଏହି ଉପଲକ୍ଷେ ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାଇକେଲ ପ୍ରେମରେ ପଡ଼ିଥିବା ଭୁବନର ରଥ ସେଠୀଙ୍କ ଅନୁଭୂତିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

**(ବିପିନ ବିହାରୀ ସେଠୀ)**
**ଭୁବନ, ୨।୬**




ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ୧୫ନଂ. ୱାର୍ଡରେ ରୁହନ୍ତି ରଥ ସେଠୀ। ଜଣେ ନିଷ୍ଠାପର ସ୍ୱାସ୍ଥ୍ୟକର୍ମୀ ଭାବେ ସେ ଯେତିକି ପରିଚିତ, ସେତିକି ଜଣାଶୁଣା ସାଇକେଲ ପ୍ରେମୀ ଭାବରେ। ୧୯୫୮ରେ ଜନ୍ମିତ ରଥଙ୍କୁ ଏବେ ୬୪ ବର୍ଷ ଟପିଲାଣି। ବୃତ୍ତିଗତ ଜୀବନରୁ ଅବସର ନେଇସାରିଲେଣି। ଇତି ମଧ୍ୟରେ ବଦଳିଲାଣି ପାଖାପାଖି ୨୫ରୁ ଊର୍ଦ୍ଧ୍ୱ ସାଇକେଲ। ଅଥଚ ଶୂନଗାଡ଼ି ଚଳାଇବା ନିଶା ଏପରି ଘାରିଛି ଯେ, ଆର୍ଥିକ ସ୍ୱଚ୍ଛଳ ହୋଇ ସୁଦ୍ଧା ସେ ମୋଟର ସାଇକେଲ ଚଢ଼ିବାକୁ ବଳାଇନାହାନ୍ତି ମନ।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରେସର ଭାବେ କାର୍ଯ୍ୟ କରି କିଛିବର୍ଷ ହେଲା ଅବସର ନେଇଛନ୍ତି ରଥ। ହେଲେ କର୍ମମୟ ଜୀବନ ସେମିତି ଚାଲିଛି। ଦୁର୍ଘଟଣାଗ୍ରସ୍ତଙ୍କ କ୍ଷତ ସଫା କରିବା ହେଉ କି ସେଥିରେ ମଲମପଟି କରିବା, ଏଭଳି କାର୍ଯ୍ୟରେ ଆଜି ବି ଖୋଜା ପଡ଼ନ୍ତି ରଥ। ଆଉ ସେ ସାଇକେଲ ଚଢ଼ି ପହଞ୍ଚିଯାଆନ୍ତି ଠିକଣାସ୍ଥଳରେ। ଦୀର୍ଘବର୍ଷ ହେଲା ସେ ଏହି କାର୍ଯ୍ୟ କରି ଆସୁଛନ୍ତି।

ସାଇକେଲକୁ ନେଇ ରହିଥିବା ଦୁର୍ବଳତା ସମ୍ପର୍କରେ ସେ କୁହନ୍ତି, ଦଶମ ଶ୍ରେଣୀ ପଢ଼ିବା ବେଳେ ପ୍ରଥମେ ସାଇକେଲ ଚଳାଇବା ଆରମ୍ଭ କରିଥିଲେ। ସେତେବେଳେ ଏଭଳି ଅତ୍ୟାଧୁନିକ ସାଇକେଲ ନ ଥିଲା। ୨୪ ଇଞ୍ଚିଆ, ୨୨ ଇଞ୍ଚିଆ ରାଲେ ସାଇକେଲ ବଜାରରେ ଗଡୁଥିଲା। ଏବେ ସମୟ ବଦଳିଛି। ସାଇକେଲ ଫ୍ୟାଶନରେ ପରିଣତ ହୋଇଛି। ଯୁବପିଢ଼ି ମଧ୍ୟ ଏବେ ସାଇକେଲ ଚାଳନାରେ ଆଗ୍ରହୀ ହେଉଛନ୍ତି। ସରକାରୀ ଯୋଜନାରେ ଏହାକୁ ସାମିଲ କରାଯାଇଛି। ଏହା ଶୁଭସଙ୍କେତ। ଦୀର୍ଘ ୫୦ ବର୍ଷ ହେଲା ସାଇକେଲ ସୁଖଦୁଃଖର ସାଥୀ ପାଲଟିଛି। ଇତିମଧ୍ୟରେ ୨୫ରୁ ଅଧିକ ସାଇକେଲ ବଦଳିଥିଲେ ମଧ୍ୟ ପୁରୁଣା ରାଲେ ଭଳି ବଡ଼ ସାଇକେଲ ଚଳାଇବାର ମଜା ଅଲଗା ବୋଲି ରଥ ମତ ଦେଇଛନ୍ତି। ଦୈନିକ ରୋଗୀଙ୍କ ସେବାରେ ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଛି। ସେ ପ୍ରତିଦିନ ୨୦ରୁ ୨୫ କିଲୋମିଟର ସାଇକେଲ ଚଳାଉଛନ୍ତି। ଏଭଳି ଅଭ୍ୟାସ ସୁସ୍ଥ ରଖିବାରେ ସହାୟକ ହୋଇଛି। ପରିଣତ ବୟସରେ ଫିଟ୍ ଅନୁଭବ କରୁଛନ୍ତି। ସ୍ୱତନ୍ତ୍ର ଭାବେ ବ୍ୟାୟାମ କି ଯୋଗ କରିବାକୁ ପଡୁନାହିଁ। ଏବେ ପେଟ୍ରୋଲ, ଡିଜେଲ ଦର ବଢ଼ିବା ମଧ୍ୟବିତ୍ତ ପରିବାର ପାଇଁ ବୋଝ ପାଲଟିଛି। ଏଭଳି ଯାନବାହନ ପ୍ରଦୂଷଣ ବଢ଼ାଉଛନ୍ତି। ତେଣୁ ଯୁବପିଢ଼ି ଦୈନିକ ସାଇକେଲିଂ କରିବା ଦରକାର। ଆଖପାଖରେ ହେଉଥିବା କାମରେ ବାଇକ୍ ବଦଳରେ ସାଇକେଲରେ ଗଲେ ତେଲ ବାବଦ ଖର୍ଚ୍ଚ ସଞ୍ଚୟ ହେବ। ଶରୀର ମଧ୍ୟ ସୁସ୍ଥ ରହିବ ବୋଲି ରଥ କହିଛନ୍ତି।

